ଓଡ଼ିଶା ସରକାର

# ଓଡ଼ିଶା ବିଧାନ ସଭାରେ
# ୧୯୮୮-୮୯ ମସିହାର ବଜେଟ
# ଉପସ୍ଥାପନ କରି
# ଅର୍ଥମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ
# ଅଭିଭାଷଣ

ମାର୍ଚ୍ଚ 2, 1988

ଓଡ଼ିଶା ବିଧାନ ସଭାରେ

**1988-89** ମସିହାର ବଜେଟ୍ ଉପସ୍ଥାପନ କରି

## ଅର୍ଥମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ଅଭିଭାଷଣ

ଅଧ୍ୟକ୍ଷ ମହୋଦୟ,

ମୁଁ ଏହି ମହାନ ଗୃହରେ 1988-89 ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବା ଅବସରରେ ଗୃହର ମାନ୍ୟବର ସଭ୍ୟମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଉଛି ।

**2.** 1987-88 ଆର୍ଥିକ ବର୍ଷରେ ଆମ ରାଜ୍ୟ ଅନେକ ସଙ୍କଟର ସମ୍ମୁଖୀନ ହୋଇଛି । ମୌସୁମୀ ପ୍ରବାହର ଅଭାବ ଓ ତଜ୍ଜନିତ ମରୁଡ଼ି ପରିସ୍ଥିତି ରାଜ୍ୟର ଅଧିକାଂଶ ଅଞ୍ଚଳକୁ ବ୍ୟାପ୍ତ ହୋଇଥିବା ଯୋଗୁଁ ଖରିଫ ଫସଲ ଉତ୍ପାଦନ ଓ ଜଳ ବିଦ୍ୟୁତ୍ ଉତ୍ପାଦନ ବିଶେଷଭାବେ ବାଧାପ୍ରାପ୍ତ ହୋଇଛି । ରାଜ୍ୟର ସାମଗ୍ରିକ ଅର୍ଥନୀତି, ବିଶେଷକରି କୃଷି ଓ ଶିଳ୍ପ କ୍ଷେତ୍ରରେ କରଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକ ଏଥିଯୋଗୁଁ ଆଶାନୁରୂପ ଅଗ୍ରଗତି କରିପାରିନାହିଁ । ରାଜ୍ୟର ଜନସାଧାରଣଙ୍କ ଆୟ ତଥା କ୍ରୟଶକ୍ତି ହ୍ରାସ ପାଇଛି ଓ ରାଜ୍ୟ ସରକାରଙ୍କ ସମ୍ବଳ ସଂଗ୍ରହ ପ୍ରଚେଷ୍ଟା ମଧ୍ୟ ପ୍ରତିହତ ହୋଇଛି । ତେଣୁ 1987-88 ବଜେଟ୍‌ରେ ଆଟକଳ କରାଯାଇଥିବା ବିଭିନ୍ନ ରାଜସ୍ୱ ଓ ଋଣ ଆଦାୟ ବାବଦ ଆୟ ବଜେଟ୍ ବରାଦ ଅନୁଯାୟୀ ହେବାର ସମ୍ଭାବନା ନାହିଁ ।

**3.** ଉପରୋକ୍ତ ପୃଷ୍ଠଭୂମିକୁ ଦୃଷ୍ଟିରଖି 1987-88 ପାଇଁ ପ୍ରସ୍ତୁତ କରାଯାଇଥିବା ସଂଶୋଧିତ ବଜେଟ୍‌ରେ ଆୟ 3832 କୋଟି 93 ଲକ୍ଷ, ବ୍ୟୟ 3811 କୋଟି 46 ଲକ୍ଷ ଟଙ୍କା ରଖାଯାଇଛି ଓ ବର୍ଷର ହିସାବରେ 21 କୋଟି 47 ଲକ୍ଷ ଟଙ୍କା ବଳକା ହେବ ବୋଲି ଆଶା କରଯାଇଛି । 1986—87 ବର୍ଷ

ଶେଷକୁ ଟ୍ରେଜେରୀ ବିଲ୍‌ରେ ବିନିଯୁକ୍ତ ପୁଞ୍ଜି ଯୋଗୁଁ ହୋଇଥିବା ଏହି ବଳକା, ରିଜର୍ଭ ବ୍ୟାଙ୍କ ହିସାବ ଅନୁସାରେ ସେ ବର୍ଷପାଇଁ ହୋଇଥିବା ଅନ୍ତିମ ନିଅଣ 81 କୋଟି 29 ଲକ୍ଷ ଟଙ୍କା ବାବଦକୁ ଭରଣା ହୋଇ ବର୍ଷର ପ୍ରକୃତ ନିଅଣ 61 କୋଟି 82 ଲକ୍ଷ ଟଙ୍କା ହେବ । କେନ୍ଦ୍ର ଟିକସରୁ ରାଜ୍ୟ ସରକାର ପାଉଥିବା ଅଂଶ ଓ ବିଭିନ୍ନ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକ୍ରମରେ ମିଳିବାକୁ ଥିବା ଆୟର ହ୍ରାସ, ରାଜ୍ୟ ସରକାରଙ୍କ କେତେକ ରାଜସ୍ୱ ଆଦାୟରେ ଅବକ୍ଷୟ ଓ ରିଲିଫ୍ କାର୍ଯ୍ୟକ୍ରମରେ ଅଧିକ ବ୍ୟୟ ଯୋଗୁଁ 1986-87 ବର୍ଷର ହିସାବରେ ନିଅଣ ଅବଶ୍ୟମ୍ଭାବୀ ହେଲା । 1987-88 ସଂଶୋଧିତ ଅଟକଳରେ ବର୍ଷର ଅନ୍ୟାନ୍ୟ ଆୟ ବ୍ୟୟ ସମାନ ରଖାଯାଇଥିବାରୁ ମୂଳ ବଜେଟ୍ ଅଟକଳରେ ଥିବା ପ୍ରାରମ୍ଭିକ ନିଅଣ 12 କୋଟି 2 ଲକ୍ଷ ଟଙ୍କା ପରିବର୍ତ୍ତେ ଚଳିତ ବର୍ଷର ନିଅଣକୁ 1986-87 ବର୍ଷର ଅନ୍ତିମ ନିଅଣ 61 କୋଟି 82 ଲକ୍ଷ ଟଙ୍କାକୁ ସୀମିତ ରଖାଯାଇ ପାରିବ ବୋଲି ଅଟକଳ କରଯାଇଛି ।

**4.** ମାନ୍ୟବର ସଭ୍ୟମାନେ ଜାଣନ୍ତି ଯେ ଆମ ରାଜ୍ୟ ବର୍ତ୍ତମାନ ଏକ ଉତ୍କଟ ମରୁଡ଼ି ପରିସ୍ଥିତିର ମୁକାବିଲା କରୁଛି । ରାଜ୍ୟର ଜନସାଧାରଣ ବିଶେଷ-କରି ଗ୍ରାମାଞ୍ଚଳ ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ଲାଘବ କରିବାପାଇଁ ରାଜ୍ୟ ସରକାର କର୍ମନିଯୁକ୍ତି ଓ ଆୟ ବୃଦ୍ଧିରେ ସହାୟକ ହେବାଭଳି ବ୍ୟାପକ ରିଲିଫ କାର୍ଯ୍ୟକ୍ରମମାନ ଗ୍ରହଣ କରିଛନ୍ତି । ମରୁଡ଼ି ସାହାଯ୍ୟ କାର୍ଯ୍ୟକ୍ରମର ବ୍ୟାପକତା ଓ ଗୁରୁତ୍ୱ ଉପଲବ୍ଧି କରି ଭାରତ ସରକାର ମଧ୍ୟ ବିଭିନ୍ନ ମରୁଡ଼ି ଉପଶମ ଓ ପ୍ରତିରୋଧ କାର୍ଯ୍ୟକ୍ରମ ବାବଦରେ ଅଗ୍ରୀମ ଯୋଜନା ସାହାଯ୍ୟ ଦେବାପାଇଁ ସମ୍ମତି ଜଣାଇ ଅଛନ୍ତି । ରାଜ୍ୟର ମରୁଡ଼ିଗ୍ରସ୍ତ ଅଞ୍ଚଳମାନଙ୍କରେ ଶ୍ରମ ବହୁଳ କାର୍ଯ୍ୟକ୍ରମ ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଦୃଢ଼ ପ୍ରଶାସନିକ ପଦକ୍ଷେପମାନ ନିଆଯାଇଛି ।

**5.** ଗତ ବର୍ଷାଋତୁରେ ମୌସୁମୀ ପ୍ରବାହର ଅନିଶ୍ଚିତତା ଆମ ରାଜ୍ୟର ଅର୍ଥନୀତିରେ ଅନେକ କ୍ଷେତ୍ରରେ ବିପର୍ଯ୍ୟୟ ସୃଷ୍ଟି କରିଛି । ଖଣିଜ ପଦାର୍ଥ, ଭୂ-ରାଜସ୍ୱ, ବିଦ୍ୟୁତ୍ ଶୁଳ୍କ ପ୍ରଭୃତିରୁ ଚଳିତ ବର୍ଷରେ ଆଶା କରାଯାଇଥିବା ଆୟରେ ଅବକ୍ଷୟ ଅନିବାର୍ଯ୍ୟ ହୋଇପଡ଼ିଛି । ଏଣୁ 1987-88 ବର୍ଷର ବାର୍ଷିକ

ଯୋଜନାପାଇଁ ଉଦ୍ଦିଷ୍ଟ, ସମ୍ବଳ ଅଦାୟ କ୍ଷେତ୍ରରେ ଏକ ସମସ୍ୟା ସୃଷ୍ଟି ହୋଇଛି । ପ୍ରାୟ 163 କୋଟି ଟଙ୍କାର ଯୋଜନା ବ୍ୟୟ ସଂକୋଚ ଏଡ଼ାଇବାପାଇଁ ରାଜ୍ୟ ସରକାର ଓ ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ଙ୍କ ସମ୍ବଳ ସଂଗ୍ରହ ଉଦ୍ୟମକୁ ଘନୀଭୂତ କରାଯାଇଛି । ତେଣୁ ସଂଶୋଧିତ ବ୍ୟୟ ଅଟକଳରେ ରାଜ୍ୟର ମୋଟ ଯୋଜନା ବ୍ୟୟ 684 କୋଟି 40 ଲକ୍ଷ ଟଙ୍କା ରଖାଯାଇପାରିଛି । ମଞ୍ଜୁରି ବାବଦକୁ ମିଳୁଥିବା ଅଗ୍ରୀମ ଯୋଜନା ସାହାଯ୍ୟକୁ ହିସାବକୁ ନେଲେ ଚଳିତ ବର୍ଷର ରାଜ୍ୟ ଯୋଜନା ବ୍ୟୟ 742 କୋଟି ଟଙ୍କା ହେବ ।

**6.** 1988-89 ଆର୍ଥିକ ବର୍ଷର ବଜେଟ୍‌ରେ ଉଭୟ ଆୟ ଓ ବ୍ୟୟ ପ୍ରତ୍ୟେକର ପରିମାଣ 3989 କୋଟି 79 ଲକ୍ଷ ଟଙ୍କା ହୋଇଥିବାରୁ ବର୍ଷ ମଧ୍ୟର ହିସାବରେ କୌଣସି ନିଅଣ୍ଟ ବା ବଳକା ହେବନାହିଁ । ଏ ବର୍ଷ ବଜେଟ୍‌ରେ ରାଜ୍ୟ ସରକାରଙ୍କ ସଂଗଠିତ ପାଣ୍ଠି, ଆକସ୍ମିକ ପାଣ୍ଠି ଏବଂ ସରକାରୀ ହିସାବର ବିଶଦ ବିବରଣୀ ପରିଶିଷ୍ଟ-I ଭାବରେ ସଂଲଗ୍ନ କରାଯାଇଅଛି । ଅଣଯୋଜନା କ୍ଷେତ୍ରରେ କରାଯାଇଥିବା ବ୍ୟୟ ବରାଦଗୁଡ଼ିକ ମୋଟାମୋଟି ଅଷ୍ଟମ ଅର୍ଥ କମିଶନଙ୍କ ନିର୍ଦ୍ଧାରିତ ମାନକୁ ଦୃଷ୍ଟିରେ ରଖି ବିଶେଷ ପର୍ଯ୍ୟାଲୋଚନା ପରେ ଗ୍ରହଣ କରାଯାଇଅଛି । ରାଜ୍ୟ ସରକାରଙ୍କ ରାଜସ୍ୱ ହିସାବରେ 1988-89 ବର୍ଷରେ 60 କୋଟି 77 ଲକ୍ଷ ଟଙ୍କା ବଳକା ହେବାସ୍ଥଳେ ପୁଞ୍ଜି ହିସାବରେ 171 କୋଟି 2 ଲକ୍ଷ ଟଙ୍କା ନିଅଣ୍ଟ ହେବ । ଏହିପରି ସଂଗଠିତ ପାଣ୍ଠିର ମୋଟ ନିଅଣ୍ଟ 110 କୋଟି 25 ଲକ୍ଷ ଟଙ୍କା ସରକାରୀ ହିସାବ (Public Account)ର ସେହି ପରିମାଣ ବଳକାଯୋଗୁଁ, ବର୍ଷର ଆୟ ବ୍ୟୟ ହିସାବ ସମତୁଲ ହେବ ।

**7.** ମାନ୍ୟବର ସଭ୍ୟମାନେ ଜାଣନ୍ତି ଯେ ଅର୍ଥନୈତିକ ଓ ସାମାଜିକ ଉନ୍ନତି ମାର୍ଗରେ ରାଜ୍ୟବାସୀଙ୍କୁ ଆଗେଇ ନେଇ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟ ରୂପେ ପରିଗଣିତ କରିବାର ଲକ୍ଷ୍ୟ, 1980 ମସିହାଠାରୁ ଏ ଗୃହରେ ଉପସ୍ଥାପିତ ସମସ୍ତ ବଜେଟ୍‌ର ପ୍ରଧାନ ଆଭିମୁଖ୍ୟ ହୋଇଛି ।

ବିଭିନ୍ନ ଉନ୍ନତିମୂଳକ ନୀତି ଓ ତା'ର ସଫଳ ରୂପାୟନପାଇଁ ନିଆଯାଇଥିବା ଦୃଢ଼ ନିର୍ଦ୍ଦେଶନା ଓ ପଦକ୍ଷେପଯୋଗୁଁ ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ଓ ଗ୍ରାମାଞ୍ଚଳରେ କର୍ମସଂସ୍ଥାନ ପ୍ରଭୃତି ବହୁମୁଖୀ ବିକାଶ ସମ୍ଭବ ହୋଇପାରିଛି । ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟୁଥିବା ସତ୍ତ୍ୱେ ଏକ ସମୃଦ୍ଧ ଓ ଉଜ୍ଜ୍ୱଳ ଭବିଷ୍ୟତର ଲକ୍ଷ୍ୟ ପଥରେ ଆମ ରାଜ୍ୟ ଆଗେଇ ଚାଲିଛି ।

**8.** ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ର ସରକାର ସମ୍ବଳ ସଂଗ୍ରହ ସଂକଟର ସମ୍ମୁଖୀନ ହୋଇଥିବା ବେଳେ ଆମ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ପ୍ରଚେଷ୍ଟା ଯୋଗୁଁ ଆମ ରାଜ୍ୟପାଇଁ 1988-89 ଆର୍ଥିକ ବର୍ଷର ଯୋଜନା ବ୍ୟୟ 835 କୋଟି ଟଙ୍କା ରଖାଯାଇପାରିଛି । ମୁଁ ଆନନ୍ଦର ସହ ଘୋଷଣା କରୁଛି ଯେ ଜନସାଧାରଣଙ୍କ ଉପରେ କୌଣସି ଗୁରୁତର ଟିକସ ବୋଝ ନ ଲଦି ଆସନ୍ତା ବର୍ଷପାଇଁ ଏକ ବୃହତ୍ତର ଯୋଜନା ବ୍ୟୟ ବରାଦ କରାଯାଇଅଛି । ଏହି 835 କୋଟି ଟଙ୍କାର ଯୋଜନା ବ୍ୟୟ ବରାଦ ନିମିତ୍ତ ସମ୍ବଳ ସଂଗ୍ରହର ବିବରଣୀ ପରିଶିଷ୍ଟ-II ଆକାରରେ ସଂଲଗ୍ନ କରାଯାଇଛି । ଆସନ୍ତା ବର୍ଷର ଯୋଜନା ବ୍ୟୟବରାଦ ତୁଲାଇବାପାଇଁ 95 କୋଟି 70 ଲକ୍ଷ ଟଙ୍କାର ଅତିରିକ୍ତ ସମ୍ବଳ ସଂଗ୍ରହ କରିବାର ପ୍ରସ୍ତାବ ରଖାଯାଇଛି । ଟିକସ ଓ ଅଣଟିକସ ଗୁଡିକର ହାରରେ ସମନ୍ୱୟ ଓ ପୁନର୍ବିନ୍ୟାସ ଦ୍ୱାରା ଏହି ସମ୍ବଳ ସଂଗ୍ରହ କରାଯିବ । ଏହି ସମନ୍ୱୟ ଓ ପୁନର୍ବିନ୍ୟାସ ଏ ମହାନ ଗୃହ ପୂର୍ବରୁ ନିର୍ଦ୍ଧାରିତ କରିଥିବା ନୀତି ନିୟମର ସୀମା ଓ ପରିସର ମଧ୍ୟରେ ହିଁ କରାଯିବ । ସରକାରୀ କର୍ମଚାରୀ, ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ପୌର ସଂସ୍ଥାମାନଙ୍କର କର୍ମଚାରୀମାନେ ଅତିରିକ୍ତ ମହଙ୍ଗା ଭତ୍ତା କିସ୍ତି ଗୁଡ଼ିକ ଭବିଷ୍ୟନିଧି ପାଣ୍ଠିରେ ସାମୟିକ ଭାବେ ଜମା ରଖିବାକୁ ସମ୍ମତ ହୋଇ ବାର୍ଷିକ ଯୋଜନା ସମ୍ବଳ ସଂଗ୍ରହରେ ସାହାଯ୍ୟ କରିଥିବାରୁ ମୁଁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି । ରାଜ୍ୟର ବାଉଁଶ ଜଙ୍ଗଲ ଉପଯୋଗକୁ ଜାତୀୟକରଣ କରିବା ଦ୍ୱାରା ମଧ୍ୟ ଅଧିକ ଆୟ ଆଶା କରାଯାଉଛି ।

ରାଜ୍ୟ ଯୋଜନାରେ ବିଭିନ୍ନ କ୍ଷେତ୍ରରେ ବ୍ୟୟ ବ୍ୟବସ୍ଥା ନିମ୍ନୋକ୍ତ ମତେ ହେବ—

| | | |
|---|---|---|
| 1. | କୃଷି ଓ ଆନୁଷଙ୍ଗିକ ସେବା | 79 କୋଟି 91 ଲକ୍ଷ ଟଙ୍କା |
| 2. | ଗ୍ରାମ୍ୟ ଉନ୍ନୟନ | 50 କୋଟି 59 ଲକ୍ଷ ଟଙ୍କା |
| 3. | ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ | 193 କୋଟି 13 ଲକ୍ଷ ଟଙ୍କା |
| 4. | ଶକ୍ତି | 224 କୋଟି 83 ଲକ୍ଷ ଟଙ୍କା |
| 5. | ଶିଳ୍ପ ଓ ଖଣିଜ ଦ୍ରବ୍ୟ | 52 କୋଟି 53 ଲକ୍ଷ ଟଙ୍କା |
| 6. | ପରିବହନ | 52 କୋଟି 55 ଲକ୍ଷ ଟଙ୍କା |
| 7. | ବିଜ୍ଞାନ ଓ ବୈଷୟିକ ସେବା | 1 କୋଟି 23 ଲକ୍ଷ ଟଙ୍କା |
| 8. | ସାଧାରଣ ଆର୍ଥିକ ସେବା | 10 କୋଟି 51 ଲକ୍ଷ ଟଙ୍କା |
| 9. | ସାମାଜିକ ସେବା | 141 କୋଟି 70 ଲକ୍ଷ ଟଙ୍କା |
| 10. | ସାଧାରଣ ସେବା | 28 କୋଟି 2 ଲକ୍ଷ ଟଙ୍କା |
| | ମୋଟ .. | 835 କୋଟି ଟଙ୍କା |

ଏହି ଅଟକଳ ମଧ୍ୟରୁ 749 କୋଟି 50 ଲକ୍ଷ ଟଙ୍କାର ଆୟ ବ୍ୟବସ୍ଥା ରାଜ୍ୟ ବଜେଟ୍‌ରେ କରାଯାଇଛି । ଅବଶିଷ୍ଟ 85 କୋଟି 50 ଲକ୍ଷ ଟଙ୍କାରୁ ରାଜ୍ୟ ବିଦ୍ୟୁତ୍ ବୋର୍ଡ 78 କୋଟି 51 ଲକ୍ଷ ଟଙ୍କା, ରାଜ୍ୟ ପରିବହନ ନିଗମ 4କୋଟି 56 ଲକ୍ଷ ଟଙ୍କା, ବିଭିନ୍ନ ପୌର ସ୍ୱାୟତ୍ତ ସଂସ୍ଥାମାନେ 2 କୋଟି 43 ଲକ୍ଷ ଟଙ୍କା ସେମାନଙ୍କର ଯୋଜନା ବ୍ୟୟ ବାବଦରେ ବ୍ୟବସ୍ଥା କରିବେ । ରାଜ୍ୟ ବଜେଟ୍‌ରେ ବ୍ୟବସ୍ଥା ହୋଇଥିବା 749 କୋଟି 50 ଲକ୍ଷ ଟଙ୍କା ମଧ୍ୟରେ ପ୍ରଶାସନିକ ମାନବୃଦ୍ଧି ନିମିତ୍ତ 19 କୋଟି 43 ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ । ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ ନିମିତ୍ତ 1988-89 ବର୍ଷରେ କେନ୍ଦ୍ରୀୟ ସ୍ୱତନ୍ତ୍ର ସହାୟତା ବାବଦରେ 25 କୋଟି 57 ଲକ୍ଷ ଟଙ୍କା ମିଳିବାର ପ୍ରସ୍ତାବ ରହିଛି । କର୍ମଚାରୀ ରାଜ୍ୟ ବୀମା ସଂସ୍ଥା ଓ ଇଉନିସେଫ୍ (UNICEF) ଙ୍କ ଠାରୁ ଏକ କୋଟି 74 ଲକ୍ଷ ଟଙ୍କା ମିଳିବ । କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ 247 କୋଟି 32 ଲକ୍ଷ ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଅଛି । ଏହିପରି ଭାବରେ ରାଜ୍ୟ ବଜେଟ୍‌ରେ ରାଜ୍ୟ ଯୋଜନା, କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ବାବଦରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ମୋଟ 1024 କୋଟି 13 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

**9.** ମୁଁ ବର୍ତ୍ତମାନ କେତେକ ଉନ୍ନୟନମୂଳକ ମୁଖ୍ୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରୁଛି ।

କୃଷି ଓ ମୃତ୍ତିକା ସଂରକ୍ଷଣ

**10.** କୃଷିଭିନ୍ନ ଅନ୍ୟ କ୍ଷେତ୍ରରେ ଇତି ମଧ୍ୟରେ ବହୁ ବିକାଶ ଘଟିଥିଲେ ମଧ୍ୟ କୃଷି ଯେ ଆମ ରାଜ୍ୟର ଅର୍ଥନୈତିକ ଢାଂଚାରେ ଆଉ ଅନେକ ଦିନ ପର୍ଯ୍ୟନ୍ତ ମୁଖ୍ୟ ଭୂମିକା ଗ୍ରହଣ କରିବ ଏଥିରେ ସନ୍ଦେହ ନାହିଁ । କୃଷି କ୍ଷେତ୍ରରେ ନିଆଯାଇଥିବା କାର୍ଯ୍ୟକ୍ରମଗୁଡ଼ିକର ମୂଳ ଲକ୍ଷ୍ୟ ହେଲା ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ବୃଦ୍ଧି କରିବା । ଆବାଦି ଜମିର ବିସ୍ତୃତି ବୃଦ୍ଧି କରି ଉନ୍ନତ କୃଷି ଯନ୍ତ୍ରପାତି, ଅଧିକ ଅମଳକ୍ଷମ ବିହନ, ସାର ଓ କୀଟନାଶକ ଔଷଧର ବ୍ୟବହାର କରି ଏ ଲକ୍ଷ୍ୟ ହାସଲ କରାଯିବ । ଧାନ, ତୈଳବୀଜ ଓ ଡାଲିଜାତୀୟ ଶସ୍ୟର ଉତ୍ପାଦନ ବୃଦ୍ଧି ନିମିତ୍ତ ପ୍ରଚଳିତ କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ସୁଦୃଢ଼ କରାଯିବ । 1988-89 ବର୍ଷରେ ରାଜ୍ୟରେ 81 ଲକ୍ଷ 42 ହଜାର ଟନ୍ ଖାଦ୍ୟ ଶସ୍ୟ, 9 ଲକ୍ଷ 51 ହଜାର ଟନ୍ ତୈଳବୀଜ ଓ 39 ଲକ୍ଷ 30 ହଜାର ଟନ୍ ଆଖୁ ଉତ୍ପାଦନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଏ କ୍ଷେତ୍ରରେ ଅନ୍ୟାନ୍ୟ ଉଲ୍ଲେଖଯୋଗ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଉନ୍ନତ ଫଳଗୁଚ୍ଛ, ଫଳବୃକ୍ଷ ରୋପଣ, ଗୃହିଣୀମାନଙ୍କ ଖାଦ୍ୟ ସଂରକ୍ଷଣ ପ୍ରଶିକ୍ଷଣ ଅନ୍ତର୍ଭୁକ୍ତ । ରାଜ୍ୟର ଅର୍ଦ୍ଧାଧିକ ଅଂଚଳ ମୃତ୍ତିକା କ୍ଷୟ ପ୍ରବଣ ହୋଇଥିବାରୁ, ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ଉପରେ ମଧ୍ୟ ଆବଶ୍ୟକୀୟ ଗୁରୁତ୍ୱ ଦିଆଯାଇଛି । ବୃକ୍ଷରୋପଣ, ଜଳମଂଚ ଓ ନଦୀ ଅତଡ଼ା କ୍ଷୟ ନିୟନ୍ତ୍ରଣ ପ୍ରଭୃତି କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟ ଗ୍ରହଣ କରାଯାଇଛି । ସୁବର୍ଣ୍ଣରେଖା ଓ ଉପର କୋଲାବ ନଦୀର ଅବବାହିକା ଅଂଚଳରେ ସମନ୍ୱିତ ଜଳବିଭାଜକ ପରିଯୋଜନା କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯିବ ।

ସମବାୟ

**11.** ରାଜ୍ୟର କୃଷିଭିତ୍ତିକ ଅର୍ଥନୀତିରେ ସମବାୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟରେ ଥିବା 36 ଲକ୍ଷ 72 ହଜାର କୃଷିଜୀବୀ ପରିବାର ମଧ୍ୟରୁ 32 ଲକ୍ଷ 35 ହଜାର ପରିବାରଙ୍କୁ 1988-89 ମସିହାସୁଦ୍ଧା

ସମବାୟ ପରିସରଭୁକ୍ତ କରିବାର ଲକ୍ଷ୍ୟ ରଖାଯାଇଅଛି । ରାଜ୍ୟରେ ଥିବା ସମବାୟ ଋଣ ସଂସ୍ଥା ଗୁଡ଼ିକୁ କର୍ମତତ୍ପର କରାଇ ୧୯୮୮-୮୯ ଆର୍ଥିକ ବର୍ଷରେ କୃଷକମାନଙ୍କୁ 70 କୋଟି ଟଙ୍କା ସ୍ୱଳ୍ପ-ମିଆଦୀ, 12 କୋଟି ଟଙ୍କା ମଧ୍ୟମ ମିଆଦୀ ଓ 15 କୋଟି ଟଙ୍କା ଦୀର୍ଘ ମିଆଦୀ ଋଣ ପ୍ରଦାନ କରିବା ପାଇଁ ବ୍ୟବସ୍ଥା ରହିଛି । ନୟାଗଡ଼ ଓ ବଡ଼ମ୍ବାଠାରେ ଦୁଇଟି ଚିନିକଳ ବସାଯାଉଛି ଓ ଏହି ଦୁଇଟିରୁ ଆସନ୍ତାବର୍ଷ ଉତ୍ପାଦନ ଆରମ୍ଭ ହେବାର ଆଶା କରାଯାଉଛି ।

ପଶୁପାଳନ

12. ବୈଜ୍ଞାନିକ ପ୍ରଣାଳୀରେ ପ୍ରଜନନ, ଉନ୍ନତ ଗୋଖାଦ୍ୟ ଓ ପରିଚାଳନା ପଦ୍ଧତି ଅନୁସରଣ କରି ରାଜ୍ୟରେ ଅଧିକ ଦୁଗ୍ଧ, ଅଣ୍ଡା ଓ ମାଂସ ପ୍ରଭୃତି ଉତ୍ପାଦନ କରିବା ପଶୁପାଳନ କାର୍ଯ୍ୟକ୍ରମ ଗୁଡ଼ିକର ଲକ୍ଷ୍ୟ । ସୁଲଭ ଦରରେ ଉନ୍ନତ ପଶୁ ଉତ୍ପାଦନ କରିବା, ପଶୁପାଳନ ପାଇଁ ଆବଶ୍ୟକ ଜିନିଷପତ୍ର ସୁବିଧାରେ ଯୋଗାଇ ଦେବା, ଉତ୍ପାଦିତ ପଦାର୍ଥର ସହଜ ବିକ୍ରୟ ବ୍ୟବସ୍ଥା ଏବଂ ପଶୁରୋଗ ନିୟନ୍ତ୍ରଣ ବ୍ୟବସ୍ଥା ଗୁଡ଼ିକ ମଧ୍ୟ ୧୯୮୮-୮୯ ଆର୍ଥିକ ବର୍ଷରେ ପୂର୍ବପରି ଚାଲୁ ରଖାଯିବ । ଡେନମାର୍କ ସରକାରଙ୍କ ସହାୟତାରେ କୋରାପୁଟ ଓ ବଲାଙ୍ଗିର ଜିଲ୍ଲାରେ ନୂତନ ସମନ୍ୱିତ ଗୋ-ମହିଷାଦି ଉନ୍ନୟନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ସୁଇଜରଲାଣ୍ଡ ସରକାରଙ୍କ ସହାୟତାରେ ଗଂଜାମ ଜିଲ୍ଲାରେ ମଧ୍ୟ ଗୋଟିଏ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନିଆଯିବ । ୧୯୮୮-୮୯ ମସିହାରେ 100 ଗୋଟି ଶୀତଳ ଶୁକ୍ର କେନ୍ଦ୍ରକୁ ହିମିକୃତ ଶୁକ୍ର କେନ୍ଦ୍ରରେ ପରିଣତ କରାଯିବ ।

ମତ୍ସ୍ୟ ଚାଷ

13. ଆଭ୍ୟନ୍ତରୀଣ ଓ ସାମୁଦ୍ରିକ ମତ୍ସ୍ୟ ଚାଷ କ୍ଷେତ୍ରରେ ନିଆଯାଉଥିବା ଯୋଜନା କାର୍ଯ୍ୟକ୍ରମ ଗୁଡ଼ିକର ପ୍ରଧାନ ଲକ୍ଷ୍ୟ ହେଲା ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ଓ ଲୋକମାନଙ୍କର ମୁଣ୍ଡପିଛା ମତ୍ସ୍ୟ ଗ୍ରହିବା ବୃଦ୍ଧି କରିବା । ମତ୍ସ୍ୟ ଚାଷର ଭିତ୍ତିଭୂମି ଉନ୍ନୟନ ଉଦ୍ଦେଶ୍ୟରେ ପାରାଦ୍ୱୀପ, ଗୋପାଳପୁର ଓ ନୂଆଗଡ଼ଠାରେ ମାଛଧରା ବନ୍ଦର ନିର୍ମାଣ କରିବା ପ୍ରସ୍ତାବ ଯୋଜନା ଅନ୍ତର୍ଭୁକ୍ତ କରାଯାଇଛି । ପାରମ୍ପରିକ ମତ୍ସ୍ୟ ଚାଷର ଉନ୍ନତି ବିଧାନ ନିମିତ୍ତ

କ୍ଷୀପ୍ରଗତିରେ ଏହି ଯୋଜନା ମଧ୍ୟ ହାତକୁ ନିଆଯାଇଛି । ବୈଜ୍ଞାନିକ କୌଶଳ ପ୍ରୟୋଗ ଦ୍ୱାରା ମାଛ ଓ ଚିଂଗୁଡ଼ି ଙ୍କାଙ୍କ ଉତ୍ପାଦନ ପଦ୍ଧତିର ଆଧୁନିକୀକରଣ କରାଯିବା ପାଇଁ କାର୍ଯ୍ୟକ୍ରମ ରହିଛି । ମତ୍ସ୍ୟଜୀବୀ ମାନଙ୍କର ବୀମା ବ୍ୟବସ୍ଥା, ସଂଚୟ ଓ ସାହାଯ୍ୟ ପାଣ୍ଠି, ଗୃହ ନିର୍ମାଣ ଓ ପାନୀୟ ଜଳ ଯୋଗାଣ ପ୍ରଭୃତି ପ୍ରବର୍ତ୍ତିତ ସମାଜ କଲ୍ୟାଣ ବ୍ୟବସ୍ଥା ଗୁଡ଼ିକର ପରିସର ଅଧିକ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି ।

ଜଙ୍ଗଲ

**14.** କ୍ଷୟ ନକରି ଜଂଗଲ ବିକାଶ ସଂଗେ ସଂଗେ ଜଂଗଲ ସଂପଦର ବିନିଯୋଗ କରିବା ସରକାରଙ୍କ ଜଙ୍ଗଲ ନୀତିର ମୂଳସୂତ୍ର । ଆମ ରାଜ୍ୟ ଭୌଗୋଳିକ ଆୟତନର ଶତକଡ଼ା 36 ଭାଗ ଜଂଙ୍ଗଲ । ରାଜ୍ୟର ଜଳବାୟୁ ଓ ପରିବେଶକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ପୁରାତନ ଜଂଗଲର ସୁରକ୍ଷା ସଂଗେ ସଂଗେ ନୂଆ ଜଂଗଲ ସୃଷ୍ଟି କରିବା କାର୍ଯ୍ୟକ୍ରମ ନୀତିଗତଭାବେ ସରକାର ଗ୍ରହଣ କରିଅଛନ୍ତି । ୧୯୮୮-୮୯ ଆର୍ଥିକ ବର୍ଷରେ 74,000 ହେକଟର ଜମିରେ ଜଂଗଲ ସୃଷ୍ଟି କରିବାର ପ୍ରସ୍ତାବ ରହିଛି । ଏହା ମଧ୍ୟରୁ 30,000 ହେକ୍ଟର ଜମିରେ ବ୍ୟବସାୟିକ ଭିତ୍ତିରେ ବୃକ୍ଷ ରୋପଣ କରାଯିବ । ପ୍ରାୟ ଏକଲକ୍ଷ ହେକ୍ଟର କ୍ଷୟପ୍ରାପ୍ତ ଜଙ୍ଗଲରେ ନୂତନ ଗଛ ରୋପଣ କରାଯିବ । ଉକ୍ତ କାର୍ଯ୍ୟକ୍ରମ ପାଇଁ ଏକ କୋଟି 55 ଲକ୍ଷ ଗଛ ବଣ୍ଟନ କରିବା ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ

**15.** କୃଷି ଉପରେ ବିଶେଷ ଭାବେ ନିର୍ଭରଶୀଳ ଆମ ରାଜ୍ୟର ଅର୍ଥନୀତିରେ ଜଳସେଚନ ଏକ ପ୍ରଧାନ ଆବଶ୍ୟକତା । ରାଜ୍ୟରେ ଥିବା ଜଳସେଚନ ସୁଯୋଗକୁ ବିଭିନ୍ନ ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳ ସେଚନ ଯୋଜନା ମାଧ୍ୟମରେ ହାସଲ କରିବା କାର୍ଯ୍ୟକୁ ସର୍ବଦା ଅଗ୍ରାଧିକାର ଦିଆଯାଇଛି । ସପ୍ତମ ଯୋଜନାର ପ୍ରଥମ ଦୁଇବର୍ଷ ମଧ୍ୟରେ ରେଙ୍ଗାଲି ବନ୍ଧ ନିର୍ମାଣ ଓ ନଅ ଗୋଟି ମଧ୍ୟମ ଜଳସେଚନ ଯୋଜନାର ନିର୍ମାଣକାର୍ଯ୍ୟ ପ୍ରାୟ ସମାପ୍ତ ହୋଇଯାଇଛି । ନିର୍ମାଣାଧୀନ ଅନ୍ୟାନ୍ୟ ଯୋଜନା ଗୁଡ଼ିକ ମଧ୍ୟରୁ ଆଉ କେତେକ ଯୋଜନାର ନିର୍ମାଣ କାର୍ଯ୍ୟ ୧୯୮୮-୮୯ ଆର୍ଥିକ ବର୍ଷ ଶେଷପୂର୍ବରୁ ସମାପ୍ତ କରିବାପାଇଁ ପଦକ୍ଷେପ

ନିଆଯାଇଛି । ଯେଉଁ ଜିଲ୍ଲାମାନଙ୍କରେ ଭୂତଳ ଜଳ ମିଳିବାର ସମ୍ଭାବନା ଅଛି, ସେହିସବୁ ଜିଲ୍ଲାରେ ଉଠା ଜଳ ସେଚନର ଅଯାଚିତ (ସେଚିତ ଅଞ୍ଚଳ) ବୃଦ୍ଧି କରାଯିବ । ଆସନ୍ତା ବର୍ଷ ମଧ୍ୟରେ 29,400 ହେକ୍ଟର ଜମିରେ ଖରିଫ ଫସଲପାଇଁ ଓ 43,000 ହେକ୍ଟର ଜମିରେ ରବି ଫସଲ ପାଇଁ ବୃହତ୍, ମଧ୍ୟମ, କ୍ଷୁଦ୍ର ପ୍ରବାହ ଓ କ୍ଷୁଦ୍ର ଉଠା ଜଳସେଚନ ସୂତ୍ରରୁ ଅଧିକ ଜଳସେଚନ ସୁବିଧା ଯୋଗାଇ ଦିଆଯିବ । 1980 ମସିହାଠାରୁ ଏ ପର୍ଯ୍ୟନ୍ତ 3 ଲକ୍ଷ 8 ହଜାର ହେକ୍ଟର ଜମିରେ ଖରିଫ୍ ଫସଲପାଇଁ ଓ ଏକ ଲକ୍ଷ 40 ହଜାର ହେକ୍ଟର ଜମିରେ ରବି ଫସଲପାଇଁ ଜଳସେଚନ ବ୍ୟବସ୍ଥା କରାଯାଇପାରିଛି । କେତେକ ବନ୍ୟା ନିୟନ୍ତ୍ରଣ ଯୋଜନାର ଅନୁସନ୍ଧାନ କାର୍ଯ୍ୟ ହାତକୁ ନିଆଯାଇଛି ।

**ଶିଳ୍ପ ଓ ଖଣି**

**16.** ରାଜ୍ୟ ସରକାରଙ୍କ ଶିଳ୍ପ, ଅର୍ଥ ବ୍ୟବସ୍ଥା ଭିତ୍ତିଭୂମି ଓ ବୈଷୟିକ ଜ୍ଞାନ କୌଶଳ ସମ୍ବନ୍ଧୀୟ ନୀତି ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ଏବଂ ଶିଳ୍ପ କାର୍ଯ୍ୟକ୍ରମର ବିକାଶରେ ସର୍ବବିଧ ପରିବେଶ ସୃଷ୍ଟି କରିଅଛି । ଓଡ଼ିଶା ରାଜ୍ୟ ଅର୍ଥ ନିଗମ, ଶିଳ୍ପ ଉନ୍ନୟନ ନିଗମ, ଶିଳ୍ପ ବିକାଶ ଓ ବିନିଯୋଗ ନିଗମ, ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଓ ଇଲେକଟ୍ରୋନିକ୍ ଉନ୍ନୟନ ନିଗମଗୁଡ଼ିକ ରାଜ୍ୟର ସରକାରୀ ଉଦ୍ୟୋଗଗୁଡ଼ିକ ରାଜ୍ୟରେ 1988-89 ମସିହାରେ କ୍ଷୁଦ୍ର ଓ ବୃହତ୍ ଶିଳ୍ପଗୁଡ଼ିକର ଉନ୍ନୟନ ନିମିତ୍ତ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରିଛନ୍ତି । 1987 ମସିହା ଡିସେମ୍ବର ମାସ ଶେଷସୁଦ୍ଧା 7,499ଟି କ୍ଷୁଦ୍ର ଓ ଗ୍ରାମ୍ୟ ଶିଳ୍ପ ପ୍ରତିଷ୍ଠା କରାଯାଇ 50,000ରୁ ଊର୍ଦ୍ଧ୍ୱ ଲୋକଙ୍କପାଇଁ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି । କାରୀଗରିଭିତ୍ତିକ ଶିଳ୍ପଗୁଡ଼ିକ ଚଳିତ ବର୍ଷରେ ଅର୍ଥ ଲଗାଣ ସଂସ୍ଥାମାନଙ୍କଠାରୁ 37 କୋଟି ଟଙ୍କାର ପୁଞ୍ଜି ବିନିଯୋଗ ସୁଯୋଗ ପାଇଛନ୍ତି । ଆସନ୍ତା ବର୍ଷ କ୍ଷୁଦ୍ର ଓ ଗ୍ରାମ୍ୟ ଶିଳ୍ପପାଇଁ 59 କୋଟି ଟଙ୍କା ଏବଂ କାରିଗରୀ ଭିତ୍ତିକ ଶିଳ୍ପ କାର୍ଯ୍ୟକ୍ରମପାଇଁ 39 କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ ।

ଇପିକଲ ସହାୟତାରେ 70 କୋଟି 91 ଲକ୍ଷ ଟଙ୍କା ବିନିଯୋଗରେ ଆରମ୍ଭ କରାଯାଇଥିବା 19ଟି ମଧ୍ୟମ ଓ ବୃହତ୍ ଶିଳ୍ପ ଉଦ୍ୟୋଗ 1987-88 ବର୍ଷ ଶେଷସୁଦ୍ଧା ଉତ୍ପାଦନକ୍ଷମ ହେବ । 130 କୋଟି 80 ଲକ୍ଷ ଟଙ୍କାର

ପୁଞ୍ଜି ବିନିଯୋଗରେ କରାଯାଇଥିବା ଆଉ 4୫ଟି ଶିଳ୍ପ ମଧ୍ୟ ଆସନ୍ତାବର୍ଷ ବିଭିନ୍ନ ପର୍ଯ୍ୟାୟରେ ଉତ୍ପାଦନ ଆରମ୍ଭ କରିବ । 100 କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜି ବିନିଯୋଗରେ ଶିଳ୍ପ ଉନ୍ନୟନ ନିଗମ ପ୍ରଚଳିତ ୟୁନିଟ୍‌ର ସମ୍ପ୍ରସାରଣ ଓ ନୂତନ ଶିଳ୍ପ ପ୍ରତିଷ୍ଠା କରିବାର ପ୍ରସ୍ତାବ ରଖିଛନ୍ତି । ୧୯୮୮-୮୯ ଆର୍ଥିକ ବର୍ଷରେ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଛୋଟ ଛୋଟ ଇଲେକ୍‌ଟ୍ରୋନିକ୍ ୟୁନିଟ୍ ସ୍ଥାପନ କରିବାରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଇଲେକ୍‌ଟ୍ରୋନିକ୍ ଉନ୍ନୟନ ନିଗମ ଭୁବନେଶ୍ୱରଠାରେ ଏକ ଇଲେକ୍‌ଟ୍ରୋନିକ୍ ଶିଳ୍ପ କମ୍ପ୍ଲେକ୍ସ ସ୍ଥାପନ କରିବେ । ରାଜ୍ୟରେ ୧୯୮୮-୮୯ ରେ ବିଭିନ୍ନ ଖଣିଜ ପଦାର୍ଥର ଉତ୍ପାଦନ 22 ନିୟୁତ ଟନ ହେବ । ଓଡ଼ିଶା ଖଣି ନିଗମ ମାଧ୍ୟମରେ ରାଜ୍ୟର ମୂଲ୍ୟବାନ ପଥର (gem stone) ମିଳୁଥିବା ଅଞ୍ଚଳରେ ମୂଲ୍ୟବାନ ପଥର ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରଖାଯାଇଛି । ବ୍ରାହ୍ମଣୀପାଳର ଗ୍ଲେଜ୍‌ବୋର୍ଡ କାରଖାନା ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିଛି । କାଳିଆପାଣି କ୍ରୋମ ଖଣିର କ୍ରୋମ ଧାତୁ ପିଣ୍ଡକୁ ଆଧାର କରି ଓଡ଼ିଶା ଖଣି ନିଗମ ଦ୍ୱାରା ଏକ କ୍ରୋମ ଧାତୁ ପିଣ୍ଡ ବେନିଫିସିଏସନ ପ୍ଲାଣ୍ଟ ସ୍ଥାପନ କରାଯିବାର ପ୍ରସ୍ତାବ ଅଛି । ଏଥିରେ ପ୍ରାୟ 13 କୋଟି 60 ଲକ୍ଷ ଟଙ୍କା ବିନିଯୋଗ କରାଯିବ ।

ବିଦ୍ୟୁତ୍‌ଶକ୍ତି

17. ବିଦ୍ୟୁତ ଉତ୍ପାଦନର ପ୍ରତିଷ୍ଠିତ ସାମର୍ଥ୍ୟ 1,234 ମେଗାଓ୍ୱାଟ ଓ ନିଶ୍ଚିତ ସାମର୍ଥ୍ୟ (Firm Power) 584 ମେଗାଓ୍ୱାଟକୁ ଅଧିକ ବୃଦ୍ଧି କରିବା ପାଇଁ ରେଙ୍ଗାଲି ପ୍ରଥମ ପର୍ଯ୍ୟାୟ, ଉପର କୋଲାବ ପ୍ରଥମ ପର୍ଯ୍ୟାୟ, ଉପର ଇନ୍ଦ୍ରାବତୀ ଓ ହୀରାକୁଦ 7ମ ୟୁନିଟ୍ ପ୍ରଭୃତି ନିର୍ମାଣାଧୀନ ପ୍ରକଳ୍ପ ଗୁଡ଼ିକୁ ତୁରନ୍ତ ଉତ୍ପାଦନକ୍ଷମ କରିବା ପାଇଁ ରାଜ୍ୟ ସରକାର ଉପଯୁକ୍ତ ଧ୍ୟାନ ଦେଇଛନ୍ତି । ରେଙ୍ଗାଲି 2ୟ ପର୍ଯ୍ୟାୟ, ଉପର କୋଲାବ 2ୟ ପର୍ଯ୍ୟାୟ ଓ ପୋଟେରୁ ଭଳି ନୂତନ ବିଦ୍ୟୁତ୍ ପରିଯୋଜନା ସମୂହର ଅନୁସନ୍ଧାନ କାର୍ଯ୍ୟ ଚାଲିଅଛି । ଇବ୍ ତାପଜ ବିଦ୍ୟୁତ୍ ପରିକଳ୍ପନା ମଞ୍ଜୁରୀ ପାଇଅଛି । ଏହି ଯୋଜନାକୁ ଅର୍ଥ ଯୋଗାଣ ନିମିତ୍ତ ଭାରତୀୟ ଭାରି ବିଦ୍ୟୁତ୍ ନିଗମ ଲି: (M/S BHEL)ଙ୍କ ସହ ଆଲୋଚନା ଚାଲିଛି ଓ ଏହା ୧୯୮୮ ମଧ୍ୟ ଭାଗ ସୁଦ୍ଧା ଚୂଡ଼ାନ୍ତ ହେବାର ଆଶାଅଛି । ଜାତୀୟ ତାପଜ ବିଦ୍ୟୁତ୍ ନିଗମ (NTPC) ତାଳଚେରଠାରେ କରୁଥିବା 1,000 ମେଗାଓ୍ୱାଟ୍ ସଂପନ୍ନ ସୁପର ଥର୍ମାଲ ପ୍ରୋଜେକ୍ଟ ପରିବେଶ ଦୃଷ୍ଟିକୋଣରୁ ମଞ୍ଜୁରୀ ପାଇ ସାରିଛି । ୧୯୮୮-୮୯ ମଧ୍ୟରେ ଏହାର ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ ହେବ ।

ବିଜ୍ଞାନ, ପ୍ରଯୁକ୍ତି ଓ ପରିବେଶ

18. ପରିବେଶ ଓ ପରିସର ସମ୍ପର୍କରେ ଜନସାଧାରଣଙ୍କ ଅବଧାରଣ ଏବଂ ବିଜ୍ଞାନ ଓ କାରିଗରି ପ୍ରୟୋଗର ବିକାଶ ସାଧନ ନିମିତ୍ତ ବହୁବିଧ ପଦକ୍ଷେପମାନ ନିଆଯାଇଛି । ଓଡ଼ିଶା ସୁଦୂର ପର୍ଯ୍ୟବେକ୍ଷଣ ପ୍ରୟୋଗ କେନ୍ଦ୍ର ଏବଂ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ସେମାନଙ୍କର କାର୍ଯ୍ୟକ୍ରମକୁ ପୂର୍ଣ୍ଣମାତ୍ରାରେ ସଙ୍ଗଠିତ କରିଛନ୍ତି । ବହୁ ଜୈବିକ ବାଷ୍ପପୁଞ୍ଜ ଏବଂ ବାୟୁ-କଳ ପ୍ରତିଷ୍ଠା କରାଯାଇଛି । ସୌର ଚୁଲା, ସୌରଶକ୍ତି ସାହାଯ୍ୟରେ ଜଳ ଉଷ୍ମୀକରଣ ପ୍ରଥା, ଫଟୋ ଭୋଲ୍ଟାଇକ୍ ପମ୍ପ ଏବଂ ରାସ୍ତା ଆଲୋକ କାର୍ଯ୍ୟକ୍ରମକୁ ଲୋକପ୍ରିୟ କରାଯାଉଛି । ଗ୍ରାମ୍ୟ ସ୍ତରରେ ସେମିନାର, ଆଲୋଚନା ଏବଂ କର୍ମଶାଳାମାନ କରାଯାଇ ପରିବେଶ ସୁରକ୍ଷା ଓ ଶକ୍ତି ଉତ୍ସ କ୍ଷୟ ସମ୍ପର୍କରେ ଜ୍ଞାନ ଓ ସୂଚନା ଦିଆଯାଉଛି ।

ପରିବହନ ଓ ଯୋଗାଯୋଗ

19. ଜାତୀୟ ରାଜପଥ, ସଡ଼କ ଉନ୍ନୟନ କାର୍ଯ୍ୟକ୍ରମ, ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ ଏବଂ ଗ୍ରାମ୍ୟ ଶ୍ରମ ନିଯୁକ୍ତି କାର୍ଯ୍ୟକ୍ରମ ଅଧୀନରେ ଅର୍ଥ ବ୍ୟବସ୍ଥା ଦ୍ୱାରା ରାଜ୍ୟର ଯୋଗାଯୋଗ ସମ୍ପ୍ରସାରଣ କାର୍ଯ୍ୟ ସମ୍ଭବପର ହୋଇଛି । ଜନସାଧାରଣଙ୍କୁ ସବୁଦିନିଆ ଯାତାୟତ ସୁବିଧା ଯୋଗାଇ ଦେବା ନିମିତ୍ତ କ୍ରସ୍ ଡ୍ରେନେଜ କାର୍ଯ୍ୟଗୁଡ଼ିକର ଆଶୁ ସମାପନ ଉପରେ ଗୁରୁତ୍ୱ ଦିଆଯାଉଛି । ଗ୍ରାମ୍ୟ ଶ୍ରମ ନିଯୁକ୍ତି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ 1984 ଠାରୁ ଏ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ 552ଟି କ୍ରସ୍ ଡ୍ରେନେଜ କାର୍ଯ୍ୟସହ 3,834 କିଲୋମିଟର ରାସ୍ତାର ଉନ୍ନତି ବିଧାନ କରି ସାରିଛୁ । ସପ୍ତମ ଯୋଜନାର ପ୍ରଥମ ଦୁଇବର୍ଷ ମଧ୍ୟରେ ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ ଜରିଆରେ 415ଟି ଗ୍ରାମକୁ ସବୁଦିନିଆ ରାସ୍ତାର ସୁବିଧା ଯୋଗାଇ ଦିଆଯାଇଛି । 1988-89ରେ ସଡ଼କ ଉନ୍ନୟନ କାର୍ଯ୍ୟକ୍ରମ, ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ ଓ ଗ୍ରାମ୍ୟ ଶ୍ରମ ନିଯୁକ୍ତି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଜରିଆରେ 1,478 କି. ମି. ରାସ୍ତାର ଉନ୍ନତି ଓ 52ଟି ସେତୁ ଏବଂ 650ଟି କ୍ରସ୍ ଡ୍ରେନେଜ୍ ନିର୍ମାଣ କାର୍ଯ୍ୟ ସମାପ୍ତ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏତଦ୍‌ଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅନ୍ୟ ଛଅଟି ସେତୁର ପୁନଃନିର୍ମାଣ କାର୍ଯ୍ୟ କରାଯିବାର ପ୍ରସ୍ତାବ ରହିଛି ।

ଗ୍ରାମ୍ୟ ଦାରିଦ୍ର୍ୟ ଓ କଲ୍ୟାଣ, ଭୂ-ସଂସ୍କାର ଏବଂ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ

20. ଆମ ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଅନେକାଂଶରେ ସଫଳ ହୋଇଛି । 1977-78ରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ଶତକଡ଼ା 66.4 ଥିବା ସ୍ଥଳେ 1983-84ରେ ଏହା ଶତକଡ଼ା 42.8କୁ କମି ଆସିଥିଲା । ଜାତୀୟ ସ୍ତରରେ ଦାରିଦ୍ର୍ୟ ହାର ଶତକଡ଼ା 22 ଭାଗ ପର୍ଯ୍ୟନ୍ତ ହ୍ରାସ ହୋଇଥିବା ସ୍ଥଳେ ଆମ ସରକାର ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ହାରକୁ ଶତକଡ଼ା 35 ଭାଗ ପର୍ଯ୍ୟନ୍ତକୁ ହ୍ରାସ କରିପାରିଛନ୍ତି । କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ ଶ୍ରମିକମାନଙ୍କୁ ରୋଜଗାର ଯୋଗାଇ ଦେବା ନିମିତ୍ତ ଉଦ୍ଦିଷ୍ଟ ସମନ୍ବିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ, ଗ୍ରାମ୍ୟ ଦରିଦ୍ରମାନଙ୍କର ଆର୍ଥିକ ଥଇଥାନ କାର୍ଯ୍ୟକ୍ରମ ଏବଂ ଗ୍ରାମ୍ୟ ଶ୍ରମ ନିଯୁକ୍ତି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଅଧୀନସ୍ଥ ସମସ୍ତ ପରିକଳ୍ପନାକୁ ଅଧିକ ଗୁରୁତ୍ୱ ସହକାରେ କାର୍ଯ୍ୟକାରୀ କରାଯିବ । ଦରିଦ୍ର ପରିବାରଙ୍କପାଇଁ ବ୍ୟକ୍ତି ଦୁର୍ଘଟଣା ବୀମା ପରିକଳ୍ପନାର ପରିସର ବୃଦ୍ଧି କରାଯିବ । ଅଧିକ 10,000 ଶାରୀରିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ଅକ୍ଷମତା ଭତ୍ତା ପ୍ରଦାନ କରାଯିବ । କଳାହାଣ୍ଡି, କୋରାପୁଟ ଓ ଫୁଲବାଣୀ ଜିଲ୍ଲାର ଭୂମିହୀନ କୃଷି ଶ୍ରମିକମାନଙ୍କ ପାଇଁ ଏକ ଗୋଷ୍ଠୀ ବୀମା ପରିକଳ୍ପନା ପ୍ରବର୍ତ୍ତନ କରାଯାଇଛି । ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ସମନ୍ବିତ ଶିଶୁ ବିକାଶ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯିବ । ଗ୍ରାମ୍ୟ ଜଳଯୋଗାଣ ପରିକଳ୍ପନାରେ ଆଂଶିକ ଭାବରେ ଜଳ ଯୋଗାଇ ଦିଆଯାଇଥିବା ଅଞ୍ଚଳରେ ଜଳ ଯୋଗାଣ ସୁବିଧାର ଉନ୍ନତି ସାଧନ ସଙ୍ଗେ ସଙ୍ଗେ ଅତିରିକ୍ତ 3,000 ଜଳାଭାବ ଗ୍ରାମରେ ଜଳଯୋଗାଣର ବ୍ୟବସ୍ଥା କରାଯିବ । ଗ୍ରାମାଞ୍ଚଳରେ ନଳକୂପର ପୁନଃ ଖନନ ଓ ମରାମତି କରାଯିବାର ଏକ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି କ୍ଷେତ୍ରରେ 1987-88ର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ବ୍ୟତୀତ ଆଉ ଅଧିକ 1,500ଟି ନଳକୂପ ମରୁଡ଼ି ପ୍ରପୀଡ଼ିତ ଗ୍ରାମମାନଙ୍କରେ ଖନନ କରାଯାଉଛି । ବିଶେଷକରି ଗ୍ରାମାଞ୍ଚଳର ବାସହୀନ ଲୋକଙ୍କୁ ଘରଡ଼ିହ ଯୋଗାଣ, ଭୂମିହୀନ ମାନଙ୍କୁ ସିଲିଂ ବହିର୍ଭୂତ ଜମି ବଣ୍ଟନ, ଭୂ-ଅଭିଲେଖର ଅଧୁନାତନ ଏବଂ ଚକବନ୍ଦୀ କାର୍ଯ୍ୟକ୍ରମର ପ୍ରସାର ପ୍ରଭୃତି କାର୍ଯ୍ୟ ଭୂ-ସଂସ୍କାର ଓ ଭୂ-ପ୍ରଶାସନ କାର୍ଯ୍ୟକ୍ରମର କେନ୍ଦ୍ର ବିନ୍ଦୁ ହୋଇ ରହିବ । 1988-89ରେ ପ୍ରାୟ ଏକଲକ୍ଷ

ହେକ୍ଟର ଜମିରେ ଚକବନ୍ଦୀ କାର୍ଯ୍ୟ ଓ ପ୍ରାୟ ୧,୫୦୦ ଗ୍ରାମରେ ବନ୍ଦୋବସ୍ତ କାର୍ଯ୍ୟ କରାଯିବ । ଆସନ୍ତା ବର୍ଷ 15,000 ଭୂମିହୀନ ଲୋକଙ୍କୁ ଘରଡିହ ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

**ହରିଜନ ଓ ଆଦିବାସୀ କଲ୍ୟାଣ**

**21**. ରାଜ୍ୟର ହରିଜନ ଓ ଆଦିବାସୀ ସମ୍ପ୍ରଦାୟ ଯେପରି ଉତ୍ତରୋତ୍ତର ଉନ୍ନତ ହୋଇ ଦେଶର ପ୍ରଗତି ସ୍ରୋତରେ ନିଜକୁ ଅଧିକ ସାମିଲ କରିପାରିବେ, ସେଥିପାଇଁ ସେମାନଙ୍କପାଇଁ ଉଦ୍ଦିଷ୍ଟ ବହୁସଂଖ୍ୟକ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅବ୍ୟାହତ ରହିବ । ଏହି ଉଦ୍ଦେଶ୍ୟରେ ହରିଜନ ଓ ଆଦିବାସୀ ଉନ୍ନୟନ ଅର୍ଥ ନିଗମ, ମାଇକ୍ରୋ ଏରିଆ ଉନ୍ନୟନ ସଂସ୍ଥା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାଗୁଡ଼ିକପାଇଁ ଏବଂ ବିକ୍ଷିପ୍ତ ଭାବେ ବସବାସ କରୁଥିବା ଆଦିବାସୀଙ୍କ ଉନ୍ନୟନ କାର୍ଯ୍ୟକ୍ରମପାଇଁ ଆସନ୍ତା ଆର୍ଥିକ ବର୍ଷରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ବ୍ୟବସ୍ଥା କରାଯାଇଛି । କାଶୀପୁର ବ୍ଲକ୍ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତିପାଇଁ 31 କୋଟି ଟଙ୍କା ବ୍ୟୟ ସମ୍ବଳିତ ଏକ ସାତ ବର୍ଷିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ୧୯୮୮-୮୯ ଠାରୁ କାର୍ଯ୍ୟକାରୀ ହେବ । ଏହି ପ୍ରକଳ୍ପପାଇଁ କୃଷି ଉନ୍ନୟନ ଆନ୍ତର୍ଜାତିକ ପାଣ୍ଠି (IFAD) ମାଧ୍ୟମରେ ଅର୍ଥ ବିନିଯୋଗ କରାଯିବ । ୧୯୮୮-୮୯ ପାଇଁ ରାଜ୍ୟ ଯୋଜନା, କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ଆଦିବାସୀ ଉପ-ଯୋଜନା ଅଞ୍ଚଳଗୁଡ଼ିକପାଇଁ 255 କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରାଯିବ । ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ, ଗ୍ରାମ୍ୟ ଦରିଦ୍ରମାନଙ୍କର ଆର୍ଥିକ ଥଇଥାନ କାର୍ଯ୍ୟକ୍ରମ ଏବଂ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ଯୋଜନା ଜରିଆରେ ୧୯୮୮-୮୯ ରେ ଏକ ଲକ୍ଷରୁ ଅଧିକ ଆଦିବାସୀ ପରିବାରଙ୍କୁ ଆର୍ଥିକ ସହାୟତା ଦିଆଯିବ । ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଅନୁଯାୟୀ ବିଭିନ୍ନ ଋଣନେଇ ପରିଶୋଧ କରିପାରୁନଥିବା ଆଦିବାସୀଙ୍କୁ ଋଣ ଛାଡ଼ର ସର୍ବୋଚ୍ଚ ସୀମା 200 ଟଙ୍କାରୁ 250 ଟଙ୍କାକୁ ବୃଦ୍ଧି କରାଯାଇଛି । ଭୂମି ଭିତ୍ତିକ ଏକ ଯୌଗିକ ସେଚ ପରିକଳ୍ପନା ଆରମ୍ଭ କରାଯାଇଛି ଯଦ୍ୱାରାକି ପ୍ରତ୍ୟେକ ଆଦିବାସୀ ହିତାଧିକାରୀ ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପାଇ ପାରିବେ । ୧୧୮ଟି ଆଦିବାସୀ ଗ୍ରାମକୁ ଆଦର୍ଶ ଗ୍ରାମ ରୂପେ ଗଢ଼ିବା ପାଇଁ ଚିହ୍ନଟ କରାଯାଇଛି ଏବଂ ପ୍ରତ୍ୟେକ ଗ୍ରାମରେ ଗୋଟିଏ କରି ଅତିରିକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇ ଆଦିବାସୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ।

ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦେବାର ବ୍ୟବସ୍ଥା ହେଉଛି ଏବଂ ଆଦିବାସୀ ଉପ-ଯୋଜନା ଅଞ୍ଚଳର ପ୍ରତ୍ୟେକ ଗ୍ରାମପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ପର୍ଯ୍ୟାୟକ୍ରମେ ଛାତ୍ରାବାସର ସୁବିଧା ଯୋଗାଇ ଦିଆଯିବ । ଏହା ଫଳରେ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଛାତ୍ର ଅନୁପସ୍ଥାନ ହାର ହ୍ରାସ ପାଇବ । ପ୍ରତିଯୋଗିତା ମୂଳକ ପରୀକ୍ଷାମାନଙ୍କରେ ଅଂଶଗ୍ରହଣ ପାଇଁ ଇଚ୍ଛୁକ ଆଦିବାସୀ ହରିଜନ ପ୍ରାର୍ଥୀମାନଙ୍କ ପାଇଁ ମାସିକ ଷ୍ଟାଇପେଣ୍ଡ ହାର 150 ଟଙ୍କାରୁ 250 ଟଙ୍କାକୁ ବୃଦ୍ଧି କରଯାଇଛି । ଆଦିବାସୀ ଓ ହରିଜନଙ୍କ ପାଇଁ ବିଭିନ୍ନ ଚାକିରି ଓ ସେବାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ଓଡ଼ିଶା ସ୍ଥାନ ସଂରକ୍ଷଣ ଆଇନ୍, 1975ର ସଂଶୋଧନ କରଯାଇଛି । ତଦନୁଯାୟୀ ନିଯୁକ୍ତିକାରୀ କର୍ତ୍ତୃପକ୍ଷଙ୍କୁ ଏହି ଆଇନ୍‌ର ବ୍ୟବସ୍ଥା ଖିଲାପ କଲେ 1,000 ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରଯାଇପାରିବ । ନିର୍ଯ୍ୟାତନାର ଶିକାର ହୋଇଥିବା ଆଦିବାସୀ ହରିଜନଙ୍କୁ ଆର୍ଥିକ ସହାୟତା ସ୍ୱରୂପ ଦିଆଯାଉଥିବା ସାହାଯ୍ୟ ସୀମାକୁ 10,000 ଟଙ୍କାରୁ 20,000 ଟଙ୍କାକୁ ବୃଦ୍ଧି କରଯାଇଛି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ

**22.** ସମସ୍ତ ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଆମର ଲକ୍ଷ୍ୟ । ଚଳିତ ବର୍ଷ ମଧ୍ୟରେ ସରକାର 500 ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର, 53ଟି ଅତିରିକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବିଶେଷଜ୍ଞ ସେବା ଥିବା 13ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରିବାପାଇଁ ମଞ୍ଜୁର କରିସାରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ଉଦ୍ଦେଶ୍ୟରେ ଆସନ୍ତା ବର୍ଷ ଆଉ ଅଧିକ 500 ସ୍ୱାସ୍ଥ୍ୟ ଉପକେନ୍ଦ୍ର, 100 ଅତିରିକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, 26ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, 25ଟି ଆୟୁର୍ବେଦ ଡାକ୍ତରଖାନା ଓ 25ଟି ହୋମିଓପାଥିକ ଡାକ୍ତରଖାନା ଖୋଲଯିବା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି । ପରିବାର କଲ୍ୟାଣ ଏବଂ ଶିଶୁ ଓ ପ୍ରସୂତି କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକ ପୂର୍ବପରି ଚାଲୁ ରହିବ । ଗର୍ଭବତୀ ମହିଳା ଓ ଶିଶୁମାନଙ୍କର ବିବିଧ ସ୍ୱାସ୍ଥ୍ୟ ସେବାପାଇଁ ଉଦ୍ଦିଷ୍ଟ ସାର୍ବଜନୀନ ରୋଗ ପ୍ରତିଷେଧକ କାର୍ଯ୍ୟକ୍ରମକୁ 1988-89 ବର୍ଷ ମଧ୍ୟରେ ଆଉ 4 ଗୋଟି ଜିଲ୍ଲାକୁ ସଂପ୍ରସାରିତ କରାଯିବ । 1990 ମସିହା ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ରାଜ୍ୟର

ସମସ୍ତ ଜିଲ୍ଲାମାନଙ୍କରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି । ମଲ୍‌ଟି ଡ୍ରଗ୍ ଚିକିତ୍ସା ମାଧ୍ୟମରେ କୁଷ୍ଠରୋଗ ନିବାରଣ କାର୍ଯ୍ୟକ୍ରମ ଚାରି ଗୋଟି ଜିଲ୍ଲାରେ ବିଶେଷ ଫଳପ୍ରଦ ହୋଇଥିବାରୁ ସରକାର ଏହାକୁ ଆଉ ତିନିଗୋଟି ଜିଲ୍ଲାକୁ ସମ୍ପ୍ରସାରଣ କରିବାକୁ ସ୍ଥିର କରିଛନ୍ତି ।

**ଗୃହ ନିର୍ମାଣ ଓ ପାନୀୟ ଜଳ ଯୋଗାଣ**

**23.** ରାଜ୍ୟର ଦୁର୍ବଳଶ୍ରେଣୀର ଲୋକମାନଙ୍କୁ ବାସଗୃହ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ସରକାର କେତେକ ସାମାଜିକ ଗୃହ ନିର୍ମାଣ ଯୋଜନା ହାତକୁ ନେଇଛନ୍ତି । ଏହା ବ୍ୟତୀତ ନିମ୍ନ ଓ ମଧ୍ୟମ ଆୟକାରୀ ଲୋକମାନଙ୍କୁ ଗୃହ ନିର୍ମାଣପାଇଁ ଋଣ ଦେବାର କେତେକ ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ସମନ୍ୱିତ ଗୃହ ନିର୍ମାଣ ଯୋଜନାକୁ ପରିବର୍ତ୍ତନ କରି ପ୍ରତ୍ୟେକ ଗୃହର ନିର୍ମାଣ ଖର୍ଚ୍ଚକୁ 2,000 ଟଙ୍କାରୁ 7,500 ଟଙ୍କାକୁ ବୃଦ୍ଧି କରାଯାଇଅଛି ଓ ଏଥିମଧ୍ୟରୁ ସବ୍‌ସିଡ଼ି ପରିମାଣ 3,000 ଟଙ୍କା ରଖାଯାଇଛି । ଆଦିବାସୀ, ହରିଜନ ଓ ଗୋତି ଶ୍ରମିକମାନଙ୍କପାଇଁ ଉଦ୍ଦିଷ୍ଟ ଇନ୍ଦିରା ଆବାସ ଯୋଜନା ପୂର୍ବପରି ଚାଲୁ ରହିଛି । ଆସନ୍ତା ବର୍ଷ 3,300 ଭୂମିହୀନ ଶ୍ରମିକ ସମନ୍ୱିତ ଗୃହ ନିର୍ମାଣ ଯୋଜନା କାର୍ଯ୍ୟକ୍ରମର ପରିସରଭୁକ୍ତ ହେବେ ଏବଂ ଇନ୍ଦିରା ଆବାସ ଯୋଜନାରେ 9,000ରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ । ପୌର ଜଳ ଯୋଗାଣକୁ ଅଧିକ ବ୍ୟାପକ କରିବାପାଇଁ ସପ୍ତମ ଯୋଜନାର ପ୍ରଥମ ଦୁଇ ବର୍ଷରେ 6 କୋଟି 93 ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ 1987-88 ବର୍ଷରେ 4 କୋଟି 66 ଲକ୍ଷ ଟଙ୍କା ଓ 1988-89ରେ 5 କୋଟି 5 ଲକ୍ଷ ଟଙ୍କା ବ୍ୟୟ କରିବାର ପ୍ରସ୍ତାବ ରଖାଯାଇଛି ।

**ଶିକ୍ଷା ଓ କ୍ରୀଡ଼ା**

**24.** 1990 ସୁଦ୍ଧା ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ଲକ୍ଷ୍ୟ 1988-89 ଆର୍ଥିକ ବର୍ଷର ଶିକ୍ଷା କାର୍ଯ୍ୟକ୍ରମରେ ପ୍ରତିଫଳିତ ହୋଇଛି । 1987 ମସିହାରେ ଖୋଲାଯାଇଥିବା 500ଟି ନୂତନ ପ୍ରାଥମିକ ବିଦ୍ୟାଳୟ ବାଦ୍ 1988-89 ଯୋଜନା କାର୍ଯ୍ୟକ୍ରମରେ ଦୁଇ ଶିକ୍ଷକ ବିଶିଷ୍ଟ ଆଉ ଅଧିକ 500 ବିଦ୍ୟାଳୟ ଖୋଲାଯିବ । ଜଣିକିଆ ଶିକ୍ଷକ ଥିବା 1,000 ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶିକ୍ଷକ ନିଯୁକ୍ତି ଦେବା ପାଇଁ 1988-89 ବର୍ଷରେ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନର ଏକାଧିକ ଶିକ୍ଷକ ଥିବା 400 ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସଂଖ୍ୟା ଆହୁରି ବୃଦ୍ଧି କରାଯିବ । ଦେଶରେ ପ୍ରାଥମିକ ଶିକ୍ଷାକୁ ପୂର୍ଣାଙ୍ଗ କରିବା ଓ ଏହାର ଗୁଣାତ୍ମକ ମାନ ବୃଦ୍ଧି କରିବା ଲକ୍ଷ୍ୟ ନେଇ 1987-88 ଠାରୁ ପ୍ରବର୍ତ୍ତିତ "କଳାପଟା ଅଭିଯାନ" ଯୋଜନାରେ 1989-90 ମସିହା ସୁଦ୍ଧା ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରାଯିବ । ପ୍ରାଥମିକ ବିଦ୍ୟାଳୟ ଗୃହ ଓ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ବଜେଟ୍‌ରେ 2 କୋଟି 50 ଲକ୍ଷ ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଛି । ନୂତନ ଶିକ୍ଷା

ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ପର୍ଯ୍ୟାୟକ୍ରମେ ଟି. ଭି. ସେଟ୍ ଯୋଗାଇ ଦିଆଯିବ । ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ କଂପ୍ୟୁଟର, ଅଟୋ ଇଂଜିନିୟରିଂ, ମେକାନିକାଲ ଇଂଜିନିୟରିଂ, ସାମୁଦ୍ରିକ ମତ୍ସ୍ୟଗ୍ରହଣ ଏବଂ ରେଡ଼ିଓ ଓ ଟି. ଭି. ମରାମତି ସଂପର୍କୀୟ ବୈଷୟିକ ପାଠ୍ୟକ୍ରମ ପ୍ରବର୍ତ୍ତନ କରିବାକୁ ପ୍ରସ୍ତାବ ରହିଛି । ଅଧିକ ସଂଖ୍ୟକ ମହାବିଦ୍ୟାଳୟକୁ ନୂତନ ବିଷୟରେ ଉପାଧ୍ୟୁତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଅନୁମତି ଦିଆଯାଇଛି । ରାଜ୍ୟରେ କ୍ରୀଡ଼ା କାର୍ଯ୍ୟକ୍ରମର ବିକାଶ ଲାଗି ଜିଲ୍ଲା ଏବଂ କେତେକ ବିଶିଷ୍ଟ କ୍ରୀଡ଼ା କେନ୍ଦ୍ରରେ କ୍ରୀଡ଼ା ଭିତ୍ତିଭୂମିର ପ୍ରସାର ପାଇଁ ଅଗ୍ରାଧିକାର ଦିଆଯାଇଛି । କ୍ରୀଡ଼ା ଛାତ୍ରାବାସ ସ୍ଥାପନ ଓ ତାଲିମ ଶିବିରମାନ ଆୟୋଜନ କରି ପ୍ରତିଭାବାନ୍ ଯୁବ ଖେଳାଳୀଙ୍କୁ ତାଲିମ ଦେବାର ସୁଯୋଗ ସୃଷ୍ଟି କରାଯାଇଛି । ଭୁବନେଶ୍ୱରଠାରେ ଏକ କ୍ରୀଡ଼ା ଓ ଗୋଷ୍ଠୀ କ୍ରୀଡ଼ା କେନ୍ଦ୍ର ତଥା ବିଭିନ୍ନ ସ୍ଥାନରେ 12 ଟି ଷ୍ଟାଡ଼ିୟମ ନିର୍ମାଣାଧୀନ ଅଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ 6 ଟି ବ୍ୟାୟାମଶାଳା ନିର୍ମାଣ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି ।

ପର୍ଯ୍ୟଟନ

**25**. ହୋଟେଲ ଓ ରେଷ୍ଟୁରାଁ ନିର୍ମାଣ, ଅଧିକ ଟ୍ୟାକ୍‌ସି ଓ ବସ୍ ଚଳାଚଳ ଭଳି ଭିତ୍ତିଭୂମିକ ସୁବିଧା ସୁଯୋଗର ବ୍ୟବସ୍ଥା ଫଳରେ ରାଜ୍ୟକୁ ବିଦେଶାଗତ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ମଧ୍ୟମ ଆୟକାରୀ ଦେଶୀୟ ପର୍ଯ୍ୟଟକମାନଙ୍କ ଆବଶ୍ୟକତା ପୂରଣ ଲାଗି ପାନ୍ଥଶାଳା, ଯୁବ ହଷ୍ଟେଲ, ଯାତ୍ରୀ ନିବାସ ଓ ଯାତ୍ରିକା ପ୍ରଭୃତି ନିର୍ମାଣାଧୀନ ଅଛି । ସୁପ୍ରସିଦ୍ଧ ପର୍ଯ୍ୟଟକ ସ୍ଥଳୀଗୁଡ଼ିକର ବିକାଶ ସାଧନ ଏ କ୍ଷେତ୍ରରେ ଅନ୍ୟ ଏକ ଉଲ୍ଲେଖନୀୟ ପଦକ୍ଷେପ ।

**26**. ମୁଁ ଏହି ମହନୀୟ ଗୃହରେ ଉନ୍ନୟନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗୁଡ଼ିକର ଯେଉଁ ଚିତ୍ର ଉପସ୍ଥାପନ କଲି ତାହା 1988-89 ଆର୍ଥିକ ବର୍ଷ ବଜେଟ୍‌ରେ ରୂପାୟିତ ହୋଇଛି । ଦାରିଦ୍ର୍ୟ ଦୂରୀକରଣ, କର୍ମନିଯୁକ୍ତି ପାଇଁ ସୁବିଧା ସୃଷ୍ଟି ଓ ଜନସାଧାରଣଙ୍କ କ୍ରମବର୍ଦ୍ଧିଷ୍ଣୁ ଆଶା ଓ ଆକାଂକ୍ଷା ପୂରଣ କରିବା ଲକ୍ଷ୍ୟ ଆମ ସରକାର ଉପସ୍ଥାପିତ କରି ଆସୁଥିବା ପ୍ରତ୍ୟେକ ବଜେଟ୍‌ରେ ପ୍ରତିଫଳିତ ହୋଇ ଆସୁଅଛି । ମୋର ଦୃଢ଼ ବିଶ୍ୱାସ ଯେ ମାନ୍ୟବର ସଭ୍ୟମାନେ ଆସନ୍ତା ବର୍ଷର ବଜେଟ୍ ପ୍ରସ୍ତାବଗୁଡ଼ିକର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିବେ ଓ ସେମାନଙ୍କର ସୁଚିନ୍ତିତ ତଥା ମୂଲ୍ୟବାନ ପରାମର୍ଶ ଓ ଦିଗ୍‌ଦର୍ଶନ ଦେଇ ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବାରେ ସହଯୋଗ କରିବେ ।

—ଜୟହିନ୍ଦ—

# ପରିଶିଷ୍ଟ–I

(କୋଟି ଟଙ୍କା ହିସାବରେ)

| | ଆୟ | ବ୍ୟୟ |
|---|---|---|
| I. ସଗଠିତ ପାଣ୍ଠି | | |
| (କ) ରାଜସ୍ୱ ହିସାବ | | |
| (1) ଅଣଯୋଜନା | 1081.33 | 1091.58 |
| (2) ରାଜ୍ୟ ଯୋଜନା | 359.62 | 308.20 |
| (3) କେନ୍ଦ୍ରୀୟ ଯୋଜନା | 163.54 | 147.76 |
| (4) କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | 72.17 | 68.35 |
| ମୋଟ–ରାଜସ୍ୱ ହିସାବ | 1676.66 | 1615.89 |
| (ଖ) ପୁଞ୍ଜି ହିସାବ | | |
| (1) ଅଣଯୋଜନା | 674.12 | 585.13 |
| (2) ରାଜ୍ୟ ଯୋଜନା | 228.19 | 468.61 |
| (3) କେନ୍ଦ୍ରୀୟ ଯୋଜନା | 9.06 | 24.82 |
| (4) କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | 2.56 | 6.39 |
| ମୋଟ–ପୁଞ୍ଜି ହିସାବ | 913.93 | 1084.95 |
| ମୋଟ–ସଗଠିତ ପାଣ୍ଠି | 2590.59 | 2700.84 |
| II. ଆକସ୍ମିକ ପାଣ୍ଠି | 20.00 | 20.00 |
| III. ସରକାରୀ ହିସାବ | 1379.20 | 1268.95 |
| ମୋଟ–ରାଜ୍ୟ ବଜେଟ୍ | 3989.79 | 3989.79 |

# ପରିଶିଷ୍ଟ-II

(କୋଟି ଟଙ୍କା ହିସାବରେ)

| | |
|---|---|
| 1. ଅଣଯୋଜନା ରାଜସ୍ୱ ହିସାବରେ ନିଅଣ୍ଟ | (—) 10.25 |
| 2. ଅଣଯୋଜନା ପୁଞ୍ଜି ହିସାବରେ ନିଅଣ୍ଟ (ବଜାର ଋଣ, ସ୍ୱଳ୍ପ ସଞ୍ଚୟ ବ୍ୟତୀତ) ଏବଂ ନିଟ୍ ସରକାରୀ ହିସାବ ସମେତ | (—) 74.65 |
| 3. ବଜାର ଋଣ (ନିଟ୍) | 109.80 |
| 4. ସ୍ୱଳ୍ପ ସଞ୍ଚୟ ଆଦାୟ ଉପରେ ଋଣ | 60.50 |
| 5. ରିଜର୍ଭ ବ୍ୟାଙ୍କ ଓ ଜୀବନ ବୀମା ନିଗମଙ୍କ ଚୁକ୍ତି ଋଣ | 10.34 |
| 6. ଭବିଷ୍ୟନିଧି (ନିଟ୍) | 47.60 |
| 7. (କ) 1985-86 ଠାରୁ 1987-88 ମଧ୍ୟରେ ଅତିରିକ୍ତ ସମ୍ବଳ ସଂଗ୍ରହ ପଦକ୍ଷେପ ବାବଦ | 179.82 |
| (ଖ) 1988-89ରେ ଅତିରିକ୍ତ ସମ୍ବଳ ସଂଗ୍ରହ ପଦକ୍ଷେପ (ମହଙ୍ଗା ଭତ୍ତା ଜମା, ସଂଶୋଧିତ ଗୋଷ୍ଠୀ ବୀମା ଯୋଜନା ବାବଦରେ ଜମା ଏବଂ ନିରୂପିତ ପୌର ଅଞ୍ଚଳ ସମୂହରେ ଜମି ବିକ୍ରୟ ବାବଦ ଆୟ ସମେତ) | 95.70 |
| 8. ରାଜ୍ୟ ଯୋଜନା ପାଇଁ କେନ୍ଦ୍ରୀୟ ସହାୟତା | 311.21 |
| 9. ପୁଞ୍ଜି କାର୍ଯ୍ୟ ପାଇଁ ମାନବର୍ଦ୍ଧି ଅନୁଦାନ | 19.43 |
| | 749.50 |
| ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ | 78.51 |
| ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ | 4.56 |
| ପୌର ସ୍ୱାୟତ୍ତ ଶାସନ ସଂସ୍ଥା | 2.43 |
| ମୋଟ— ରାଜ୍ୟ ଯୋଜନା ପରିମାଣ | 835.00 |

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-753010